The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2338 CUTTACK, WEDNESDAY, DECEMBER 21, 2016/MARGASIRA 30, 1938**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତାରିଖ 29 ନଭେମ୍ବର 2016

ସଂଖ୍ୟା 37056—RDM-LAC-DKNL-0018/2016-R&DM.—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ଢେଙ୍କାନାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା ବଣିଆସାହି, ଥାନା ଢେଙ୍କାନାଳ ସଦର, ତହସିଲ ଢେଙ୍କାନାଳ ସଦର, ଜିଲ୍ଲା ଢେଙ୍କାନାଳ ରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲର ଅନ୍ତର୍ଗତ ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୫୮୬, ତା ୧୦ ଫେବୃଆରୀ ୨୦୧୬ ରିଖରେ ପ୍ରକାଶିତ ହୋଇଅଛି ;

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା ବଣିଆସାହି, ଥାନା ଢେଙ୍କାନାଳ ସଦର, ତହସିଲ ଢେଙ୍କାନାଳ ସଦର, ଜିଲ୍ଲା ଢେଙ୍କାନାଳରେ କୌଣସି ପରିବାର ବିସ୍ଥାପିତ ହେଉ ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ, ଢେଙ୍କାନାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.dhenkanal.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ, କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ – କ**

( ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଣିଆସାହି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୦.୭୧ | ଏଥିସହିତ ସଂଲଗ୍ନ |

**ତଫସିଲ – ଖ**

( ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ )

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ପ୍ରଯୁଜ୍ୟ ନୁହେଁ** | | | | | | | |

**ଭୂମି ଅନୁସୂଚୀ**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ୍ ନମ୍ବର | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତର ନାମ, ପିତାର ନାମ/ ସ୍ୱାମୀଙ୍କର ନାମ |
|---|---|---|---|---|---|
| (1) | (2) | (3) | (4) | (5) | (6) |
| | | | ଏକର | ଏକର | |
| ୧ | ୫୩(କ) | ୧୬୬୯ | ୦.୧୮୦ | ୦.୦୫୦ | କାଳନ୍ଦି ପଣ୍ଡା, ପି. ପାଣୁ ପଣ୍ଡା |
| ୨ | ୧୪୬ | ୧୬୬୫ | ୦.୯୪୦ | ୦.୧୮୦ | ଯୋଗିନାଥ ପଣ୍ଡା, ପି. ହର ପଣ୍ଡା |
| ୩ | ୧୮୪ | ୧୬୭୬ | ୧.୧୪୦ | ୦.୨୦୦ | ନବକିଶୋର ନନ୍ଦ, ପି. ଯୋଗେଶ୍ୱର ନନ୍ଦ |
| ୪ | ୩୪୨ | ୧୬୬୬ | ୦.୩୩୦ | ୦.୦୮୦ | ରାଜକିଶୋର ପଣ୍ଡା, ପି. ରଘୁନାଥ ପଣ୍ଡା |
| ୫ | ୪୩୮/୧୮୨ | ୧୬୬୯/୨୦୫୫ | ୦.୨୦୦ | ୦.୨୦୦ | ବିଚିତ୍ରାନନ୍ଦ ବାରିକ, ପି. ଲକ୍ଷ୍ମଣ ବାରିକ |
| | | **ମୋଟ ..** | **୨.୭୯୦** | **୦.୭୧୦** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସଂଗ୍ରାମ କେଶରୀ ମହାପାତ୍ର**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz.1758—173+20